# ଆଇବିସିଏସ୍‌ରେ କନଭରଜେନ୍‌ସ-୨୦୧୦

ଭୁବନେଶ୍ୱର, ୨୨।୨(ଅନୁପମ ମିଡିଆ): ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧିନରେ ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର୍ ଷ୍ଟଡିଜ୍(ଆଇବିସିଏସ୍)ର ବାର୍ଷିକ ଉତ୍ସବ କନଭରଜେନ୍ସ ୨୦୧୦ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ କହିଥିଲେ ଯେ, ପୁଞ୍ଜି ନିବେଶ କ୍ଷେତ୍ରରେ ଓଡିଶାର ସ୍ଥାନ ଦ୍ୱିତୀୟ । ସରକାର କମ୍ପାନୀ ମାନଙ୍କ ନିମନ୍ତେ ନିବେଶ ପରିବେଶ ସୃଷ୍ଟି କରାଉଛନ୍ତି । ଖଣିଜ ସଂପଦରେ ଭରପୁର ଓଡିଶାରେ ୨୫ଭାଗ ଆଇରନ୍ ଏବଂ ୨୮ ଭାଗ କୋଇଲା ଗଚ୍ଛିତ ରହିଛି । ଏହାର ସୁବିନିଯୋଗ କରାଗଲେ ଓଡିଶାରେ ଦାରିଦ୍ର୍ୟ ଦୂରହେବା ସହ ଯୁବକ ଯୁବତୀମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଇପାରିବ ବୋଲି ମନ୍ତ୍ରୀ ପାତ୍ର କହିଥିଲେ । ଏହି ଉତ୍ସବରେ ଅତିଥି ଭାବେ ସାଂସଦ ପ୍ରସନ୍ନ ପାଟଶାଣୀ, ଆଇବିଏମ୍ ର କଣ୍ଟ୍ରିହେଡ୍ ବି.ଏସ୍ ଗଣେଶ, ବିଧାୟକ ଅଶୋକ ପଣ୍ଡା, ବିଶ୍ୱବିଦ୍ୟାଳୟର କୁଳପତି ଏମ.ପି ଜୈନ, ଡିନ୍ ପ୍ରଫେସର ସୁଭାଶିଷ ଦାସ, ନିର୍ଦ୍ଦେଶକ ଏସ.କେ ପାଢୀ ଏବଂ କନଭେନର୍ ଆର.ସି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।




ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଂଗାରଂଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କନଭରଜେନ୍ସ-୧୦ର ଦ୍ୱିତୀୟ ସଂଧ୍ୟାରେ ଫେମ୍ ଗୁରୁକୁଳର ବିଜେତା ରେହାନ୍ ଖାନ୍, ସନ୍‌ସିଲ୍କ ଗ୍ୟାଙ୍ଗ ଅଫ୍ ଗର୍ଲସର ବିଜେତା ଆମ୍ବିଲି ମେନନ୍ ନାଇଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମନୋରଂଜନ ନାୟକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।